# NATIONAL NEWS BULLETIN (ODIA)

## 25 June - 2025

## Morning Bulletin : 7.15 A.M.

**************************************************

## ମୁଖ୍ୟ ସମ୍ବାଦ

- ସମଗ୍ର ଦେଶରେ ଆଜି ପାଳନ କରାଯାଉଛି ସମ୍ବିଧାନ ହତ୍ୟା ଦିବସ ।
- ଚୀନ୍‌ର କ୍ୱିଙ୍ଗ୍‌ଦାଓ ଠାରେ ଆଜିଠାରୁ ଆରମ୍ଭ ହେଉଛି ସାଂଘାଇ ସହଯୋଗ ସଂଗଠନ ସଦସ୍ୟ ରାଷ୍ଟ୍ରଙ୍କ ପ୍ରତିରକ୍ଷା ମନ୍ତ୍ରୀ ସ୍ତରୀୟ ଦୁଇ ଦିନିଆ ବୈଠକ ।
- ଏକ୍ସିଓମ୍ ଫୋର୍ ମିଶନ୍ ମାଧ୍ୟମରେ ଆଜି ମହାକାଶକୁ ଯାତ୍ରା କରିବେ ଭାରତର ଶୁଭାଂଶୁ ଶୁକ୍ଳା ।
- ୨୦୨୭ ସୁଦ୍ଧା ୫ ଟ୍ରିଲିୟନ୍ ଆମେରିକୀୟ ଡଲାର୍ ଅର୍ଥନୀତି ଲକ୍ଷ୍ୟ ନେଇ ଭାରତ ଅଗ୍ରଗତି କରୁଛି, କହିଲେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ।

ଏବଂ

- ହେଡିଂଲେ ଟେଷ୍ଟରେ ଭାରତକୁ ୫ ୱିକେଟ୍‌ରେ ପରାସ୍ତ କଲା ଇଂଲଣ୍ଡ ।

## ସମ୍ବିଧାନ ହତ୍ୟା ଦିବସ

ସମଗ୍ର ଦେଶରେ ଆଜି ସମ୍ବିଧାନ ହତ୍ୟା ଦିବସ ପାଳନ କରାଯାଉଛି । ୧୯୭୫ ମସିହା ଜୁନ୍ ୨୫ ତାରିଖରେ ଜରୁରୀକାଳୀନ ପରିସ୍ଥିତି ଲାଗୁ ହେବା

ଦ୍ୱାରା ସୃଷ୍ଟ ପରିସ୍ଥିତିକୁ ଏହା ସ୍ମରଣ କରାଉଛି । ଏହି ସମୟରେ ପ୍ରତ୍ୟେକ ପିଡ଼ିତ ବ୍ୟକ୍ତିଙ୍କୁ ଶ୍ରଦ୍ଧାଞ୍ଜଳୀ ଦେବା ଲକ୍ଷ୍ୟ ନେଇ ଆଜି ଏହି ଦିବସ ପାଳନ କରାଯାଉଛି । ଏ ସମ୍ପର୍କରେ **: V/O-ANUPAM**

# ପିଏମ୍-ମରିସସ୍ କଲ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମରିସସ୍ ପ୍ରତିପକ୍ଷ ଡକ୍ଟର ନବୀନ ଚନ୍ଦ୍ର ରାମଗୁଲାମଙ୍କ ସହ ଟେଲିଫୋନ୍ ମାଧ୍ୟମରେ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଉଭୟ ନେତା ଦ୍ୱିପାକ୍ଷିକ ବର୍ଦ୍ଧିତ ରଣନୈତିକ ସହଭାଗିତାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ମିଳିତ ପ୍ରତିବଦ୍ଧତା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଭିଜନ ମହାସାଗର ଏବଂ ଭାରତର ପଡ଼ୋଶୀ ପ୍ରଥମ ନୀତି ଆଧାରରେ ମରିସସ୍‌ର ବିକାଶକୁ ଭାରତ ପ୍ରାଥମିକତା ପ୍ରଦାନ କରୁଛି ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି । ପ୍ରତିରକ୍ଷା, ସାମୁଦ୍ରିକ ସୁରକ୍ଷା, ଦକ୍ଷତା ବିକାଶ, ସହଭାଗିତା, ଡିଜିଟାଲ୍ ଭିତ୍ତିଭୂମି ଏବଂ ଉଭୟ ଦେଶର ନାଗରୀକଙ୍କ ମଧ୍ୟରେ ସମ୍ପର୍କ ବୃଦ୍ଧି ଆଜି ବିଭିନ୍ନ ପ୍ରସଙ୍ଗରେ ଉଭୟ ପକ୍ଷଙ୍କ ମଧ୍ୟରେ ମତ ବିନିମୟ ହୋଇଥିବା ଶ୍ରୀ ମୋଦୀ ସୂଚନା ଦେଇଛନ୍ତି । ଡକ୍ଟର ରାମଗୁଲାମଙ୍କୁ ଭାରତ ଗସ୍ତରେ ଆସିବା ପାଇଁ ପ୍ରଧାନମନ୍ତ୍ରୀ ନିମନ୍ତ୍ରଣ କରିଛନ୍ତି ।

# ରାଜନାଥ-ଏସ୍‌ସିଓ ମିଟିଂ

ଚୀନ୍‌ର କ୍ୱିଙ୍ଗ୍‌ଦାଓ ଠାରେ ଆଜିଠାରୁ ସାଂଘାଇ ସହଯୋଗ ସଂଗଠନ ଏସ୍.ସି.ଓ. ସଦସ୍ୟ ରାଷ୍ଟ୍ରଙ୍କର ପ୍ରତିରକ୍ଷା ମନ୍ତ୍ରୀ ସ୍ତରୀୟ ବୈଠକ ଅନୁଷ୍ଠିତ ହେଉଛି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଭାରତୀୟ ପ୍ରତିନିଧି ମଣ୍ଡଳର ନେତୃତ୍ୱ ନେବ । ଏହି ଦୁଇଦିନିଆ ବୈଠକ ଅବସରରେ ଆଞ୍ଚଳିକ ଏବଂ ଆନ୍ତର୍ଜାତିକ ସୁରକ୍ଷା, ଆତଙ୍କବାଦ ବିରୋଧି ପଦକ୍ଷେପ ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟ ଗୁଡ଼ିକ ମଧ୍ୟରେ ସହଯୋଗ ବୃଦ୍ଧି ନେଇ ସଦସ୍ୟ ରାଷ୍ଟ୍ର ଗୁଡ଼ିକର ପ୍ରତିନିଧି ମଣ୍ଡଳୀ ମତ ବିନିମୟ କରିବେ ।  ଏସ୍.ସି.ଓ. ସଂଗଠନର ନୀତି ଏବଂ ଆଦର୍ଶ ପ୍ରତି ଭାରତର ଦୃଢ଼ ପ୍ରତିବଦ୍ଧତା ଉପରେ ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ ତାଙ୍କ ଅଭିଭାଷଣରେ ଗୁରୁତ୍ୱାରୋପ କରିବାର ଆଶା କରାଯାଉଛି । ଆନ୍ତର୍ଜାତିକ ଶାନ୍ତି ଏବଂ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଭାରତର ଦୃଷ୍ଟିକୋଣ ଉପରେ ସେ ଏହି ଅବସରରେ ଆଲୋକପାତ କରିବେ । ବୈଠକ ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ’ ଚୀନ୍ ଏବଂ ରୁଷ ସମେତ ବିଭିନ୍ନ ଅଂଶଗ୍ରହଣକାରୀ ରାଷ୍ଟ୍ରର ପ୍ରତିପକ୍ଷଙ୍କ ସହିତ ଦ୍ୱିପାକ୍ଷିକ ଆଲୋଚନା ବୈଠକ କରିବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି ।

୨୦୦୧ ମସିହାରେ ସାଂଘାଇ ସହଯୋଗ ସଂଗଠନ ଗଠନ କରାଯାଇଥିଲା । ୨୦୧୭ରେ ଭାରତ ଏହାର ପୂର୍ଣ୍ଣାଙ୍ଗ ସଦସ୍ୟ ହୋଇଥିଲା । ଅନ୍ୟ ରାଷ୍ଟ୍ର ଗୁଡ଼ିକ ମଧ୍ୟରେ କାଜାଖାସ୍ତାନ, ଚୀନ୍, କିର୍‌ଗିଜ୍‌ସ୍ତାନ, ପାକିସ୍ତାନ, ରୁଷ, ତାଜିକିସ୍ତାନ, ଉଜ୍‌ବେକିସ୍ତାନ, ଇରାନ୍ ଏବଂ ବେଲାରୁଷ ଏହି ସଂଗଠନର ସଦସ୍ୟ ଅଛନ୍ତି । ଚୀନ୍ ଅଧ୍ୟକ୍ଷତାରେ ଚଳିତବର୍ଷ ଅନୁଷ୍ଠିତ

ହେଉଥିବା ଏହି ବୈଠକରେ ବିଷୟବସ୍ତୁ ରହିଛି – "ସାଂଘାଇ ଆତ୍ମାକୁ ବଜାୟ ରଖିବା ଏବଂ ଏସ୍.ସି.ଓ.କୁ ଗତିଶୀଳ କରିବା" ।

## ଏକ୍ସିଓମ୍ ଫୋର୍

ଏକ୍ସିଓମ୍ ଫୋର୍ ମିଶନ୍ ମହାକାଶ ଯାନ ଆଜି ଭାରତୀୟ ସମୟ ଅପରାହ୍ଣ ୧୨ଟା ୧ ମିନିଟ୍‌ରେ ଆମେରିକାର ଫ୍ଲୋରିଡ଼ା ସ୍ଥିତ କେନେଡି ମହାକାଶ କେନ୍ଦ୍ରରୁ ଉତ୍କ୍ଷେପଣ କରାଯିବ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଇସ୍ରୋ ଏ ସମ୍ପର୍କରେ ସୂଚନା ଦେଇ କହିଛି, ଉତ୍କ୍ଷେପିତ ହେବାର ୨୮ ଘଣ୍ଟା ପରେ ଆନ୍ତର୍ଜାତିକ ମହାକାଶ ଷ୍ଟେସନ୍ ଆଇ.ଏସ୍.ଏସ୍. ସହିତ ଏହା ମିଳିତ ହେବ । ପ୍ରଥମେ ଗତ ମେ ମାସ ୨୯ ତାରିଖରେ ଉତ୍କ୍ଷେପଣ ପାଇଁ ସମୟ ସ୍ଥିର ହୋଇଥିଲେ ମଧ୍ୟ ପାଣିପାଗ ଏବଂ ଯାନ୍ତ୍ରିକ ସମସ୍ୟା ଯୋଗୁଁ ଏହା ସମ୍ଭବ ହୋଇପାରି ନ ଥିଲା । ଏହି ଐତିହାସିକ ମିଶନ୍‌ରେ ଭାରତର ଶୁଭମ ଶୁକ୍ଲ ମହାକାଶକୁ ଯାତ୍ରା କରିବେ । ତାଙ୍କ ସହ ଆମେରିକା, ପୋଲାଣ୍ଡ ଏବଂ ହଙ୍ଗେରୀର ମଧ୍ୟ ତିନି ଜଣ ମହାକାଶକୁ ଯାତ୍ରା କରିବେ । ପୋଲାଣ୍ଡ ସ୍ଲାଓସ୍ ଉଜ୍‌ନାନ୍‌ସ୍କି, ହଙ୍ଗେରୀର ଟିବୋର କାପୁ ଏବଂ ଆମେରିକାର ପେଗି ହ୍ୱିଟସନ୍ ଏହି ମିଶନ୍‌ରେ ଭାରତର ଶୁଭାଂଶୁ ଶୁକ୍ଲାଙ୍କ ସହ ମହାକାଶକୁ ଯିବେ ।

ଏହି ମହାକାଶଚାରୀମାନେ ମହାକାଶ ଷ୍ଟେସନ୍‌ରେ ଦୁଇ ସପ୍ତାହ ରହଣୀ ମଧ୍ୟରେ ବିଭିନ୍ନ ଗବେଷଣାରେ ସଂଶ୍ଳିଷ୍ଟ ହେବେ । ମାଇକ୍ରୋ ଗ୍ରାଭିଟି, ପ୍ରଯୁକ୍ତିବିଦ୍ୟା ଏବଂ ପ୍ରସାର ଆଦି ବିଭିନ୍ନ କ୍ଷେତ୍ରରେ ସେମାନେ ଗବେଷଣା କରିବେ । ୩୧ଟି ଦେଶର ପ୍ରାୟ ୬୦ଟି ବୈଜ୍ଞାନିକ ଅଧ୍ୟୟନରେ ସେମାନେ ଅନ୍ତର୍ଭୁକ୍ତ ହେବାର ଜଣାପଡ଼ିଛି । ଏକ୍ସିଓମ୍ ଫୋର୍ ମିଶନ୍ ନାଶା, ଇସ୍ରୋ ଏବଂ

ଅନ୍ୟାନ୍ୟ ଆନ୍ତର୍ଜାତିକ ସଂସ୍ଥା ମଧ୍ୟରେ ସହଯୋଗକୁ ଅଧିକ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି ।

## ଗୋୟଲ୍-ଇକୋନମି

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି, ୨୦୨୭ ସୁଦ୍ଧା ଭାରତ ୫ ଟ୍ରିଲିୟନ୍ ଆମେରିକୀୟ ଡଲାର୍ ଅର୍ଥନୀତି ହେବା ଲକ୍ଷ୍ୟ ନେଇ ଅଗ୍ରଗତି କରୁଛି । ସାମୂହିକ ଜାତୀୟ ପ୍ରୟାସ ଏହାକୁ ଗତିଶୀଳ କରିଛି ବୋଲି ସେ କହିଛନ୍ତି । ମର୍ଚାଣ୍ଟ ଚାମ୍ବର୍ସ୍ ଅଫ୍ କମର୍ସ୍ ଆଣ୍ଡ ଇଣ୍ଡଷ୍ଟ୍ରି – ଏମ୍.ସି.ସି.ଆଇ. ଦ୍ୱାରା ଗତକାଲି ଆୟୋଜିତ ଏକ ଆଭାସୀ ଅଧିବେଶନକୁ ସମ୍ବୋଧନକୁ କରି ମନ୍ତ୍ରୀ ଶ୍ରୀ ଗୋୟଲ୍ ଏହା କହିଛନ୍ତି ।

ସେବା, ସୁ-ଶାସନ ଏବଂ ନବସୃଜନକୁ ଆଧାର କରି ସରକାର କାର୍ଯ୍ୟ କରୁଛନ୍ତି । ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ଏବେ ୬୯୮ ବିଲିୟନ୍ ଆମେରିକୀୟ ଡଲାର୍‌ରେ ପହଞ୍ଚିଛି । ବ୍ୟାଙ୍କ୍ କ୍ଷେତ୍ର ସୁଦୃଢ଼ ହେବା ସହ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଦେଶର ମୁଦ୍ରାସ୍ଫିତି ଏବେ ସର୍ବନିମ୍ନ ସ୍ତରରେ ରହିଛି ବୋଲି ଶ୍ରୀ ଗୋୟଲ କହିଛନ୍ତି । ଗ୍ରେଟ୍ ବ୍ରିଟେନ୍, ଅଷ୍ଟ୍ରେଲିଆ ଏବଂ ୟୁରୋପୀୟ ସଂଘ ଭଳି ବିକଶିତ ଅର୍ଥନୀତି ସହିତ ଭାରତ ମୁକ୍ତ ବାଣିଜ୍ୟଚୁକ୍ତି କରିବା ପାଇଁ ପ୍ରୟାସ ଜାରି ରଖିଛି ।  ଏହାଦ୍ୱାରା ଦେଶର ରପ୍ତାନୀ ଓ ଏମ୍.ଏସ୍.ଏମ୍.ଇ. କ୍ଷେତ୍ର ଅଧିକ ସୁଫଳ ପାଇବ । କୃତ୍ରିମ ବୁଦ୍ଧିମତା, କ୍ୱାଣ୍ଟନ୍ କମ୍ପ୍ୟୁଟିଂ ଏବଂ ଥ୍ରୀ-ଡି ପ୍ରିଣ୍ଟିଂ ଭଳି କ୍ଷେତ୍ରରେ ଭାରତ ବିଶ୍ୱସ୍ତରରେ ନେତୃତ୍ୱ ନେବାକୁ ପ୍ରସ୍ତୁତ ଅଛି ବୋଲି ମନ୍ତ୍ରୀ ଶ୍ରୀ ଗୋୟଲ୍ କହିଛନ୍ତି ।

# ଶିବରାଜ - ମିଟିଂ

ବିକଶିତ କୃଷି ସଂକଳ୍ପ ଅଭିଯାନ ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ନୂଆଦିଲ୍ଲୀ ଠାରେ ଗତକାଲି ଅନୁଷ୍ଠିତ ଏହି ବୈଠକରେ ୨ହଜାର ୧୦୦ରୁ ଅଧିକ ନୋଡାଲ ଅଧିକାରୀ ଅଭିଯାନର ନିଷ୍କର୍ଷ, କ୍ଷେତ୍ର ଅଭିଜ୍ଞତା ଆଦି ଉପରେ ନିଜର ମତ ଉପସ୍ଥାପନ କରିଥିଲେ । କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଗତମାସ ୨୯ ତାରିଖରୁ ଚଳିତ ମାସ ୧୨ ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶରେ ହୋଇଥିବା ଏହି ଅଭିଯାନର ଫଳାଫଳ ଉପରେ ଆଲୋଚନା ହୋଇଛି । ସ୍ୱାଧୀନ ଭାରତର ଏହା ଏକ ଐତିହାସିକ ପଦକ୍ଷେପ ବୋଲି ମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି । ଏହି ଅବସରରେ ଶ୍ରୀ ଚୌହାନ ମୃତ୍ତିକା ସ୍ୱାସ୍ଥ୍ୟ, ଉପକୂଳ କୃଷି ଏବଂ ପଶୁପାଳନ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିବା ସହ ଜୈବ ସୁରକ୍ଷିତ ଫସଲ, ନିରନ୍ତର ଅଭ୍ୟାସ ଏବଂ ବୈଷୟିକ ବିକାଶ ତଥା ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଛନ୍ତି ।

**V/O**

# ଇଣ୍ଡିଆ-ନେପାଳ ମିଟିଂ

ଭାରତ-ନେପାଳ ଦ୍ୱିପାକ୍ଷିକ ସୁରକ୍ଷା ପରାମର୍ଶଦାତା ଗୋଷ୍ଠୀର ଷୋଡ଼ଶ ବୈଠକ ପୁଣେ ଠାରେ ଅନୁଷ୍ଠିତ ହୋଇଯାଇଛି । ଗତ  ଦୁଇ ଦିନ ଧରି ଅନୁଷ୍ଠିତ ଏହି ବୈଠକରେ ଦ୍ୱିପାକ୍ଷିକ ସୁରକ୍ଷା ସହଯୋଗ ନେଇ ଆଲୋଚନା ହୋଇଛି । ବୈଦେଶିକ ମନ୍ତ୍ରଣାଳୟର ଉତ୍ତରଭାଗ ଅତିରିକ୍ତ ସଚିବ ମୁନୁ ମହାୱାର ଭାରତୀୟ ପ୍ରତିନିଧି ମଣ୍ଡଳୀର ନେତୃତ୍ୱ ନେଇଥିବା ବେଳେ ନେପାଳ ବୈଦେଶିକ ମନ୍ତ୍ରଣାଳୟର ଦକ୍ଷିଣ ଏସିଆ ଭାଗ ଯୁଗ୍ମ ସଚିବ ଗହେନ୍ଦ୍ର ରାଜଭଣ୍ଡାରୀ ସେଠାକାର ପ୍ରତିନିଧି ମଣ୍ଡଳୀର ନେତୃତ୍ୱ ନେଇଥିଲେ । ଏହି ବୈଠକରେ ବୈଦେଶିକ ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟ ଓ ଉଭୟ ଦେଶର ସେନା ନିର୍ଦ୍ଦେଶାଳୟର ଅଧିକାରୀ ଯୋଗଦେଇଥିଲେ ।

ସୁରକ୍ଷା, ପ୍ରତିରକ୍ଷା ସହଯୋଗ ନେଇ ଉପକରଣ ଯୋଗାଣ, ତାଲିମ୍, ମିଳିତ ସାମରିକ ଅଭ୍ୟାସ, ବିପର୍ଯ୍ୟୟ ସହାୟତା ଆଦି ବିଭିନ୍ନ ପ୍ରସଙ୍ଗ ନେଇ ଉଭୟ ଦେଶ ମଧ୍ୟରେ ଆଲୋଚନା ହୋଇଛି । ୨୦୦୩ ମସିହାରେ ପ୍ରତିଷ୍ଠା କରାଯାଇଥିବା ଏହି ସୁରକ୍ଷା ପରାମର୍ଶଦାତା ଗୋଷ୍ଠୀ ଦ୍ୱିପାକ୍ଷିକ ପ୍ରତିରକ୍ଷା ସହଯୋଗ ବୃଦ୍ଧିରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରୁଛି ।

# ଟେଷ୍ଟ କ୍ରିକେଟ୍

ହେଡିଂଲେ ଟେଷ୍ଟରେ ଇଂଲଣ୍ଡ ବିଜୟୀ ହୋଇଛି । ଆଣ୍ଡରସନ୍-ତେନ୍ଦୁଲକର କ୍ରିକେଟ୍ ଟ୍ରଫି ଟେଷ୍ଟ ସିରିଜ୍‌ର ଏହି ପ୍ରଥମ ମ୍ୟାଚ୍‌ରେ ଇଂଲଣ୍ଡ

ଭାରତକୁ ୫ ଓ୍ୱିକେଟ୍‌ରେ ପରାସ୍ତ କରିଛି । ୩୭୧ରନ୍‌ର ବିଜୟ ଲକ୍ଷ୍ୟକୁ ଗତକାଲି ମ୍ୟାଚ୍‌ର ଅନ୍ତିମ ଦିବସରେ ଇଂଲଣ୍ଡ ୫ ଓ୍ୱିକେଟ୍ ବିନିମୟରେ ହାସଲ କରିପାରିଛି । ଦଳ ପକ୍ଷରୁ ବେନ୍ ଡକେଟ୍ ୧୪୯ରନ୍ କରିଥିବା ବେଳେ ଜୋ ରୁଟ୍ ୫୩ରନ୍ ସଂଗ୍ରହ କରିଥିଲେ । ୫ଟିକିଆ ସିରିଜ୍‌ରେ ଇଂଲଣ୍ଡ ୧-୦ରେ ଆଗୁଆ ହୋଇଛି । ଡକେଟ୍‌ଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି ।

ସୂଚନା ଯୋଗ୍ୟ ଭାରତ ପ୍ରଥମ ଇନିଂସରେ ୪୭୧ ଏବଂ ଦ୍ୱିତୀୟ ଇନିଂସରେ ୩୬୪ରନ୍ ସଂଗ୍ରହ କରିଥିଲା । ଇଂଲଣ୍ଡ ପ୍ରଥମ ଇନିଂସରେ ୪୬୫ରନ୍ ଏବଂ ଦ୍ୱିତୀୟ ଇନିଂସରେ ୫ ଓ୍ୱିକେଟ୍‌ରେ ୩୭୩ରନ୍ ସଂଗ୍ରହ କରି ବିଜୟ ଲାଭ କରିଛି ।

ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ୨ ତାରିଖରେ ବର୍ମିଂହାମ୍ ଠାରେ ଖେଳାଯିବ ।